# NATIONAL NEWS BULLETIN (ODIA)

## 11 September - 2024

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତ ଶକ୍ତିକେନ୍ଦ୍ରରେ ପରିଣତ ହେବା ଲାଗି ସମସ୍ତ ପ୍ରକାର ପଦକ୍ଷେପ ନେବ, କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଦେଶର ସୀମାନ୍ତବର୍ତ୍ତୀ ଗ୍ରାମଗୁଡ଼ିକର ସର୍ବାଙ୍ଗୀନ ବିକାଶ କରିବାକୁ ସରକାର ବଦ୍ଧପରିକର, ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ।
- ନୂଆଦିଲ୍ଲୀରେ ଟ୍ରେଡ୍ କନେକ୍ଟ ଇ-ପ୍ଲାଟଫର୍ମର ଲୋକାର୍ପଣ କଲେ, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ।
- ରୁଷରେ ଅନୁଷ୍ଠିତ ବ୍ରିକ୍ସ ଜାତୀୟ ସୁରକ୍ଷା ଉପଦେଷ୍ଟା ବୈଠକରେ ଯୋଗଦେଲେ ଜାତୀୟ ନିରାପତ୍ତା ଉପଦେଷ୍ଟା ଅଜିତ ଡୋଭାଲ୍ ।

ଏବଂ

- ଭିଏତନାମରେ ଘୂର୍ଣ୍ଣିଝଡ଼ ୟାଗି ପ୍ରଭାବରେ ମୃତ୍ୟୁ ସଂଖ୍ୟା ୧୫୫କୁ ବୃଦ୍ଧି ।

# ପ୍ରଧାନମନ୍ତ୍ରୀ-ସେମିକନ୍

ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତ ଶକ୍ତିକେନ୍ଦ୍ରରେ ପରିଣତ ହେବା ଲାଗି ସମସ୍ତ ପ୍ରକାର ପଦକ୍ଷେପ ନେବ ବୋଲି  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଗ୍ରେଟର ନଏଡା ଠାରେ ସେମିକନ୍ ଇଣ୍ଡିଆ ୨୦୨୪କୁ ଆଜି ଉଦ୍‌ଘାଟନ କରି ସେ କହିଛନ୍ତି ବର୍ତ୍ତମାନର ଯୁଗ ହେଉଛି ସିଲିକନ୍ କୂଟନୀତିର । ଦେଶରେ ଚିପ୍ ଉତ୍ପାଦନ ପାଇଁ ଭାରତ ସରକାର ଲକ୍ଷ୍ୟ ରଖିଛନ୍ତି । ପ୍ରତ୍ୟେକ ଯନ୍ତ୍ରରେ ଭାରତ ନିର୍ମିତ ଚିପ୍‌କୁ ସନ୍ନିବେଶିତ କରାଯିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ଦେଶରେ ଇଲେକଟ୍ରାନିକ୍ସ ଓ ସେମିକଣ୍ଡକ୍ଟର ଶିଳ୍ପକୁ ତ୍ୱରାନ୍ୱିତ କରିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ଚଳିତ ଦଶନ୍ଧି ଶେଷ ସୁଦ୍ଧା ଇଲେକ୍‌ଟ୍ରୋନିକ୍ସ କ୍ଷେତ୍ର ୫ଶହ ବିଲିୟନ୍ ଡଲାରରେ ପହଞ୍ଚିବ ବୋଲି ଲକ୍ଷ୍ୟ ରଖାଯାଇଛି । ଫଳରେ ୬୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଡିଜିଟାଲ ଇଣ୍ଡିଆ ଟେଲିକମ୍ ମାଧ୍ୟମରେ ଭାରତ ସବୁ ନାଗରିକଙ୍କ ପାଇଁ ପ୍ରଯୁକ୍ତିକୁ  ନିକଟତର କରାଇପାରିଛନ୍ତି ।

# ରାଜନାଥ ସିଂହ-ସୀମାନ୍ତ ଅଞ୍ଚଳ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଦେଶର ସୀମାନ୍ତବର୍ତ୍ତୀ ଗ୍ରାମଗୁଡ଼ିକୁ ପ୍ରାରମ୍ଭୀକ ଗ୍ରାମ ଭାବେ ପରିଗଣିତ କରାଯାଇ ସେଗୁଡ଼ିକର ସର୍ବାଙ୍ଗୀନ ବିକାଶ କରିବାକୁ ସରକାର ବଦ୍ଧପରିକର । ନୂଆଦିଲ୍ଲୀରେ ସୀମାନ୍ତ ଅଞ୍ଚଳ ବିକାଶ ସମାବେଶରେ ଯୋଗଦେଇ ଶ୍ରୀ ସିଂହ କହିଛନ୍ତି, ଭାରତର ବିଭିନ୍ନ ଭୌଗଳିକ ସ୍ଥିତିରେ ଥିବା ଗ୍ରାମଗୁଡ଼ିକ ଭିନ୍ନ ଭିନ୍ନ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି । ଏହି ଗ୍ରାମ ଗୁଡ଼ିକର ବିକାଶ କରିବା ପାଇଁ ସୀମାନ୍ତ ଅଞ୍ଚଳର ବିକାଶର ଆବଶ୍ୟକତା ରହିଛି ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି ।

ଗତ ୧୦ ବର୍ଷ ମଧ୍ୟରେ ସୀମାନ୍ତ ଅଞ୍ଚଳ ବିକାଶ ଯୋଜନାରେ ଅଧୀନରେ ୮ହଜାର ୫୦୦ କିଲୋମିଟରରୁ ଊର୍ଦ୍ଧ୍ୱ ସଡ଼କପଥ ଏବଂ ୪୦୦ ସ୍ଥାୟୀ ସେତୁ  ନିର୍ମାଣ କରାଯାଇଛି । ବିଶ୍ୱର ସର୍ବବୃହତ ଟନ୍ନେଲ୍' ଅଟଲ ଟନ୍ନେଲ୍, ସେଲା ଟନ୍ନେଲ୍ ଏବଂ ସିକୁନ୍-ଲା ଟନ୍ନେଲ୍ ଆଦି ଏହି ଯୋଜନା ଅଧୀନରେ ନିର୍ମାଣ କରାଯାଉଛି । ସେ ପୁଣି କହିଛନ୍ତି, ଲଦାଖକୁ ଜାତୀୟ ବିଦ୍ୟୁତ୍ ଗ୍ରୀଡ୍ ସହ ସଂଯୋଗ କରିବା ନିମନ୍ତେ ସରକାର ୨୨୦ କିଲୋ ଭୋଲ୍ଟ ଶ୍ରୀନଗର-ଲେହେ ବିଦ୍ୟୁତ୍ ଲାଇନ୍ ସଂଯୋଗ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଗୁଡ଼ିକରେ ମଧ୍ୟ ବିଦ୍ୟୁତ୍ ଯୋଗାଣ

ଏବଂ ବଣ୍ଟନ ଭିତ୍ତିଭୂମିକୁ ସୁଦୃଢ଼ କରାଯାଇପାରିଛି । ସେଠାରେ ଭାରତ ନେଟ୍ ବ୍ରଡ୍‌ବ୍ୟାଣ୍ଡ ପ୍ରକଳ୍ପ ଅଧୀନରେ ୧ହଜାର ୫୦୦ରୁ ଊର୍ଦ୍ଧ୍ୱ ଗ୍ରାମ ଗୁଡ଼ିକୁ ହାଇସ୍ପିଡ୍ ଇଣ୍ଟରନେଟ୍ ବ୍ୟବସ୍ଥା ଯୋଗାଇ ଦିଆଯାଇଛି । ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଗତ ୪ ବର୍ଷ ମଧ୍ୟରେ ୭ ହଜାରରୁ ଊର୍ଦ୍ଧ୍ୱ ସୀମାନ୍ତବର୍ତ୍ତୀ ଗ୍ରାମଗୁଡ଼ିକରେ ଇଣ୍ଟରନେଟ୍ ସଂଯୋଗ ବ୍ୟବସ୍ଥା ହୋଇପାରିଛି । କେନ୍ଦ୍ର ପକ୍ଷରୁ ଲଦାଖ ଏବଂ ଅରୁଣାଚଳ ପ୍ରଦେଶରେ ଏହି ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି ।

ଶ୍ରୀ ସିଂହ କହିଛନ୍ତି, କେନ୍ଦ୍ର ସରକାର ଏହି ଅଞ୍ଚଳରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବା ନିମନ୍ତେ ପର୍ଯ୍ୟଟନ ବ୍ୟବସ୍ଥାକୁ ଗୁରୁତ୍ୱାରୋପ କରିଛନ୍ତି । ୨୦୨୦ରୁ ୨୦୨୩ ମସିହା ମଧ୍ୟରେ ଲଦାଖ, ସିକ୍କିମ୍ ଏବଂ ଅରୁଣାଚଳ ପ୍ରଦେଶରେ ପର୍ଯ୍ୟଟକଙ୍କ ସଂଖ୍ୟା ୩୦ ପ୍ରତିଶତ ବୃଦ୍ଧି ପାଇଛି । ସେହିପରି ଗତ କିଛି ବର୍ଷ ମଧ୍ୟରେ କାଶ୍ମୀରରେ ପର୍ଯ୍ୟଟକଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ଘଟିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ।

## ଜୟଶଙ୍କର-ସ୍ୱିଡେନ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ସ୍ୱିଡେନ୍‌ର ନୂଆ ବୈଦେଶିକ ମନ୍ତ୍ରୀ ଭାବେ ନିଯୁକ୍ତ ହୋଇଥିବା ମାରିଆ ଷ୍ଟେନେର୍‌ଗାର୍ଡ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଡକ୍ଟର ଜୟଶଙ୍କର ତାଙ୍କ

ବାର୍ତ୍ତାରେ ଭାରତ ଓ ସ୍ୱିଡେନ୍ ମଧ୍ୟରେ ଭାଗିଦାରୀତା ସମ୍ପର୍କ ଆହୁରି ଦୃଢ଼ିଭୂତ ହେବ ବୋଲି ଆଶା ପ୍ରକାଶ କରିଛନ୍ତି ।

## ପୀୟୂଷ ଗୋୟଲ୍-ଇ-ପ୍ଲାଟ୍‌ଫର୍ମ ଲୋକାର୍ପଣ

ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ୍ ଆଜି ନୂଆଦିଲ୍ଲୀରେ ଟ୍ରେଡ୍ କନେକ୍ଟ ଇ-ପ୍ଲାଟଫର୍ମର ଲୋକାର୍ପଣ କରିଛନ୍ତି । ଭାରତୀୟ ଉଦ୍ୟୋଗୀମାନଙ୍କ ପାଇଁ ଆନ୍ତର୍ଜାତିକ ସ୍ତରରେ ବ୍ୟବସାୟକୁ ସୁଗମ କରିବା ପାଇଁ ଏହି ଇ-ପ୍ଲାଟ୍‌ଫର୍ମର ଶୁଭାରମ୍ଭ ହୋଇଛି । ଏହି ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ବ୍ୟବସ୍ଥା ଆରମ୍ଭ ହେବା ଫଳରେ ବିଦେଶରେ ଥିବା ଯେକୌଣସି ବ୍ୟବସାୟ ସଂସ୍ଥା ସହ ମୁକ୍ତ ବାଣିଜ୍ୟ ଚୁକ୍ତି, ଭାଗିଦାରୀ ବ୍ୟବସାୟ, ସୀମା ଶୁଳ୍କ ଦେୟରେ କିଣାବିକା ସହଜ ହେବ । ଏହି ଅବସରରେ ଶ୍ରୀ ଗୋୟଲ କହିଛନ୍ତି, ଏହି ବ୍ୟବସ୍ଥା ବିଦେଶରେ ଥିବା ବିଭିନ୍ନ ମନ୍ତ୍ରଣାଳୟ, ଶିଳ୍ପ ଓ ବ୍ୟବସାୟ ସଂସ୍ଥା ସହ ବ୍ୟାପକ ସହଯୋଗୀତା ବୃଦ୍ଧି ହୋଇ ପାରିବ ।

ଏହି ଇ-ପ୍ଲାଟ୍‌ଫର୍ମ ଭବିଷ୍ୟତ ବ୍ୟବସାୟ ଭିତ୍ତିକ ସୂଚନା ଓ ତଥ୍ୟର ଆଦାନ ପ୍ରଦାନ କରିପାରିବ । ଆଗାମୀ ଦିନରେ ହିନ୍ଦୀ ଏବଂ ଅନ୍ୟାନ୍ୟ ଭାରତୀୟ ସରକାରୀ ଭାଷାରେ ଏହି ଇ-ପ୍ଲାଟ୍‌ଫର୍ମ ପରିଚାଳନା କରାଯିବ । ଏହି ଇ-ପ୍ଲାଟ୍‌ଫର୍ମ ବ୍ୟବସ୍ଥା ଲୋକାର୍ପଣ ହେବା ଫଳରେ ବିଶ୍ୱ

ବଜାରରେ ଭାରତର ଭାଗିଦାରିତା ଦୃଢ଼ୀଭୂତ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଗୋୟଲ ଆଶା ପ୍ରକଟ କରିଛନ୍ତି ।

## ଡୋଭାଲ୍-ବ୍ରିକ୍ସ

ରୁଷର ସେଣ୍ଟ ପିଟର୍ସବର୍ଗ ଠାରେ ଅନୁଷ୍ଠିତ ବ୍ରିକ୍ସ ଜାତୀୟ ସୁରକ୍ଷା ଉପଦେଷ୍ଟା ବୈଠକରେ ଦେଶର ଜାତୀୟ ନିରାପତ୍ତା ଉପଦେଷ୍ଟା ଅଜିତ ଡୋଭାଲ୍ ଯୋଗ ଦେଇଛନ୍ତି । ଏହି ଅବସରରେ ଶ୍ରୀ ଡୋଭାଲ୍ କହିଛନ୍ତି, ବର୍ତ୍ତମାନ ବିଶ୍ୱରେ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଏବଂ ସନ୍ତ୍ରାସବାଦ ଆଦି ସମସ୍ୟାର ଆହ୍ୱାନକୁ ମୁକାବିଲା କରିବା ପାଇଁ ବ୍ରିକ୍ସ ରାଷ୍ଟ୍ର ଗୁଡ଼ିକର ମିଳିତ ଉଦ୍ୟମର ଆବଶ୍ୟକତା ରହିଛି । ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍ ଏବଂ ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନିଙ୍କ ପକ୍ଷରୁ ନିକଟରେ ଦିଆଯାଇଥିବା ବିବୃତ୍ତି ପରିପ୍ରେକ୍ଷୀରେ ଶ୍ରୀ ଡୋଭାଲ୍ କହିଛନ୍ତି, ୟୁକ୍ରେନ୍‌ରେ ଉପୁଜିଥିବା ବିବାଦର ସମାଧାନ ଦିଗରେ ଭାରତ ଏବଂ ଚୀନ୍ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ । ଗତ ମାସରେ ୟୁକ୍ରେନ୍ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୃଢୋକ୍ତି ପ୍ରକାଶ କରି କହିଥିଲେ ୟୁକ୍ରେନ୍ ଏବଂ ରୁଷ ଉଭୟ' ଚାଲିଥିବା ସଂଘର୍ଷକୁ ହିଁ ସମାଧାନ କରିପାରିବେ । ଶ୍ରୀ ମୋଦୀ ଶାନ୍ତି ପ୍ରତିଷ୍ଠା କରିବା ଦିଗରେ ଭାରତ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଦଢୋକ୍ତି ପ୍ରକାଶ କରିଥିଲେ ।

# ଦିଲ୍ଲୀ କୋର୍ଟ୍-କେଜରିୱାଲ୍

ଦିଲ୍ଲୀର ଏକ ଅଦାଲତ ମଦ ଦୁର୍ନୀତି ମାମଲାରେ ଜଡ଼ିତ ଆମ୍ ଆଦମୀ ପାର୍ଟି ଜାତୀୟ ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ବିଚାର ବିଭାଗୀୟ ହାଜତ ସମୟସୀମା ଆସନ୍ତା ୨୫ ତାରିଖକୁ ବୃଦ୍ଧି କରିଛନ୍ତି । କେଜରିୱାଲଙ୍କ ତିହାର ଜେଲ୍‌ରୁ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ରାଉଜ୍ ଆଭେନ୍ୟୁ ଅଦାଲତରେ ହାଜର କରାଯାଇଥିଲା । କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ  ପକ୍ଷରୁ ଆଗତ ଅଭିଯୋଗ କ୍ରମେ ରାଉଜ୍ ଆଭେନ୍ୟୁ ଅଦାଲତର ସ୍ୱତନ୍ତ୍ର ବିଚାରପତି କାବେରି ବାୱେଜା ଗତ ସପ୍ତାହରେ ମୁଖ୍ୟମନ୍ତ୍ରୀ କେଜରିୱାଲ୍‌ଙ୍କ ବିରୁଦ୍ଧରେ ୱାରେଣ୍ଟ ଜାରିର ଆଜି ଶୁଣାଣି କରିବା ପରେ ଦିଲ୍ଲୀ ଅଦାଲତ ପକ୍ଷରୁ ଏହି ବିଚାରବିଭାଗୀୟ ହାଜତ ମିଆଁଦ ବୃଦ୍ଧି କରାଯାଇଛି । ପୂର୍ବରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ କେତେକଙ୍କ ବିରୁଦ୍ଧରେ ଅବକାରୀ ଦୁର୍ନୀତି ମାମଲା ଅଭିଯୋଗରେ ଅତିରିକ୍ତ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଥିଲା । ଅପର ପକ୍ଷରେ ଆଜି ଏହି ମାମଲାରେ ଆପ୍ ନେତା ଦୁର୍ଗସ୍ ପାଠକଙ୍କୁ ଦିଲ୍ଲୀ କୋର୍ଟ୍ ପକ୍ଷରୁ ଜାମିନ୍ ମଞ୍ଜୁର କରାଯାଇଛି ।

## ଝାଡ଼ଖଣ୍ଡ-ଆର୍‌ଜେଡି

ରାଷ୍ଟ୍ରୀୟ ଜନତା ଦଳ ଆର୍.ଜେ.ଡି. ଇଣ୍ଡିଆ-ମେଣ୍ଟ ସହିତ ମିଶି ଝାରଖଣ୍ଡ ବିଧାନସଭା ନିର୍ବାଚନ ଲଢ଼ିବେ । ଝାଡ଼ଖଣ୍ଡରେ ଆର୍.ଜେ.ଡି. ଦାୟିତ୍ୱରେ ଥିବା ଜୟପ୍ରକାଶ ନାରାୟଣ ଯାଦବଙ୍କ ଅଧ୍ୟକ୍ଷତାରେ ରାଞ୍ଚି ଠାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ବୈଠକ ପରେ ଶ୍ରୀ ଯାଦବ କହିଛନ୍ତି, ଆର୍.ଜେ.ଡି. ହେଉଛି ଇଣ୍ଡିଆ ମେଣ୍ଟର ଏକ ଅଗ୍ରଣୀ ରାଜନୈତିକ ଦଳ ଏବଂ ତାଙ୍କ ଦଳ ଝାଡ଼ଖଣ୍ଡରେ ଜେ.ଏମ୍.ଏମ୍. ଏବଂ କଂଗ୍ରେସ ସହ ଆସନ ବୁଝାମଣା କରିବାକୁ ସହମତି ପ୍ରକାଶ କରିବ । ଆସନ ବୁଝାମଣା ନେଇ ଖୁବ୍ ଶୀଘ୍ର ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ସେ କହିଛନ୍ତି, ଆର୍.ଜେ.ଡି. ପକ୍ଷରୁ ଆସନ ଏବଂ ପ୍ରାର୍ଥୀଙ୍କ ନାମ ତାଲିକା ପ୍ରସ୍ତୁତ କରାଯାଇଛି ଏବଂ ତାହାକୁ ଖୁବ୍ ଶୀଘ୍ର ଦଳର ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କ ନିକଟକୁ ପଠାଯିବ ।

## ତେଲଙ୍ଗାନା-କେନ୍ଦ୍ରୀୟ ଦଳ

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଯୁଗ୍ମ ସଚିବ କିର୍ତ୍ତି ପ୍ରତାପ ସିଂହଙ୍କ ନେତୃତ୍ୱରେ ଏକ ୬ ଜଣିଆ ଦଳ ବର୍ଷା ପ୍ରଭାବିତ ତେଲଙ୍ଗାନା ଅଞ୍ଚଳ ଗସ୍ତ କରି କ୍ଷୟକ୍ଷତି ଅନୁଧ୍ୟାନ କରିଛନ୍ତି । ତେଲଙ୍ଗାନାରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହି ଦଳ ହାଇଦ୍ରାବାଦ୍ ଠାରେ ଆଜି

ସକାଳେ  ରାଜ୍ୟ ମୁଖ୍ୟ ଶାସନ ସଚିବ ଶାନ୍ତି କୁମାରୀ ଏବଂ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି । ମୁଖ୍ୟ ଶାସନ ସଚିବ ସୂଚନା ଦେଇ କହିଛନ୍ତି, ପାଣିପାଗ ବିଭାଗ ପକ୍ଷରୁ ଖୁବ୍ କମ୍ ସମୟ ଅନ୍ତରରେ ସତର୍କ ସୂଚନା ଦିଆଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଯୋଗୁଁ ବିଶେଷ କ୍ଷୟକ୍ଷତି ହୋଇନାହିଁ । ବନ୍ୟା କ୍ଷୟକ୍ଷତି ଅଞ୍ଚଳରେ ଲୋକମାନଙ୍କୁ ରିଲିଫ୍ ଯୋଗାଣ ପ୍ରକ୍ରିୟାକୁ ସହଜ କରିବା ନିମନ୍ତେ କେନ୍ଦ୍ରୀୟ ଦଳ ମାର୍ଗଦର୍ଶିକା ଦେବା ପାଇଁ ସେ କହିଥିଲେ । ସେ ମଧ୍ୟ ପ୍ରଶିକ୍ଷଣ କ୍ଷେତ୍ରରେ ଏନ୍.ଡି.ଏମ୍.ଏ.ର ସହାୟତା ଚାହିଁଥିଲେ ।

ସମ୍ପ୍ରତି ରାଜ୍ୟରେ ପ୍ରବଳ ବର୍ଷା ଏବଂ ବନ୍ୟା କାରଣରୁ ୩୦ ଜଣଙ୍କର ମୃତ୍ୟୁ ଘଟିବା ସହ ପ୍ରାୟ ୫ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ନଷ୍ଟ ହୋଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । କେନ୍ଦ୍ରୀୟ ଦଳ ରାଜ୍ୟରେ ୨ଟି ଗୋଷ୍ଠୀରେ  ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି ।

# ଭିଏତନାମ ୟାଗି

ଭିଏତନାମରେ ଘୂର୍ଣ୍ଣିଝଡ଼ **ୟାଗି** ପ୍ରଭାବରେ ସଂଘଟିତ ବନ୍ୟା ଏବଂ ଭୂସ୍ଖଳନରେ ମୃତ୍ୟୁ ସଂଖ୍ୟା ୧୫୫ରେ ପହଞ୍ଚିଛି । ହାନୋଇରୁ ପ୍ରଭାବିତ

ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଭିଏତନାମର ଜାତୀୟ ଜଳ- ପାଣିପାଗ କେନ୍ଦ୍ର ପକ୍ଷରୁ ରେଡ୍ ରିଭର୍‌ରେ ଜଳସ୍ତର ଗତ ୨୦ ବର୍ଷ ମଧ୍ୟରେ ସର୍ବାଧିକ ବୋଲି କୁହାଯାଇଛି । ଗତକାଲି  ଲାଓ କାଇ ପ୍ରଦେଶର ଲାଙ୍ଗ୍ ନୁ ଉପାନ୍ତ ପାର୍ବତ୍ୟ ଗ୍ରାମରେ ଭୂସ୍ଖଳନ ଘଟି ୨୨ ଜଣଙ୍କର ମୃତ୍ୟୁ ଘଟିଛି । ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଘଟଣା ସ୍ଥଳ ସର୍ଭେ କରାଯାଇ ପରିସ୍ଥିତି ଅନୁଧ୍ୟାନ କରାଯାଇଛି । ଘୂର୍ଣ୍ଣିଝଡ଼ ପ୍ରଭାବରେ ପ୍ରାୟ ୧୪୧ ଜଣ ନିଖୋଜ ଥିବା ସରକାରଙ୍କ ପକ୍ଷରୁ ଆକଳନ କରାଯାଇଛି । ଘୂର୍ଣ୍ଣିଝଡ଼ ୟାଗି ପ୍ରଭାବରେ ଉତ୍ତରାଞ୍ଚଳ ଥାଇଲାଣ୍ଡ, ଲାଓସ୍ ଏବଂ ମ୍ୟାଁମାର୍ ଅଞ୍ଚଳରେ ପ୍ରବଳ ବର୍ଷା ସହ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଚୀନ୍‌ରେ ମଧ୍ୟ କ୍ଷୟକ୍ଷତି ହୋଇଥିବା ଜଣାଯାଇଛି । ଥାଇଲାଣ୍ଡରେ ଘୂର୍ଣ୍ଣିଝଡ଼ ପ୍ରଭାବରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ବହୁ ସଂଖ୍ୟାରେ ଲୋକ ଫସିଯାଇଥିବା ସୂଚନା ମିଳିଛି । ଥାଇଲାଣ୍ଡର ପ୍ରଧାନମନ୍ତ୍ରୀ ପାଟୋଙ୍ଗ୍‌ଟର୍ଣ୍ଣ ସିନାୱାତରା କହିଛନ୍ତି, ପ୍ରାୟ ୯ ହଜାର ପରିବାର ଘୂର୍ଣ୍ଣିଝଡ଼ ଦ୍ୱାରା ପ୍ରଭାବିତ ହୋଇଛନ୍ତି ।